Candidate must not write on this margin.

# CSM—7/23

## GENERAL STUDIES—IV

## ସାଧାରଣ ଅଧ୍ୟୟନ—IV

## PART—II/PAPER—V

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **17** ***(Seventeen)*** *questions. In* **Group—A, 12** ***(Twleve)*** *and* **Group—B, 05** ***(Five)*** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **Group—A, 12 (ବାର)** ଏବଂ **Group—B 05 (ପାଞ୍ଚ )** କୁ ମିଶାଇ **17 (ସତର)** ଟି ପ୍ରଶ୍ନ ରହିଛି ।

### Group—A

### ଗ୍ରୁପ୍—A

*Candidates to attempt* **10** ***(ten)*** *questions within word limit of* **250.** *Each question carries* **15** *marks.*

ପରୀକ୍ଷାର୍ଥୀମାନେ **10** ଟି ପ୍ରଶ୍ନ ଶବ୍ଦ **250** ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **15** ମାର୍କ ।

**1.** In our society, contrasting attitudes are prevalent about many social problems and prejudices like gender discrimination. What contrasting attitudes do you notice about gender discrimination? As the head of the office, what steps do you take to reduce gender discrimination at your workplace?

ଆମ ସମାଜରେ ବହୁ ସାମାଜିକ ସମସ୍ୟା ଓ ଲିଙ୍ଗଭେଦ ପରି ଭ୍ରମଧାରଣା ସମ୍ପର୍କରେ ବିପରୀତ ମନୋଭାବ ପ୍ରଚଳିତ ଅଛି । ଲିଙ୍ଗଭେଦ କ୍ଷେତ୍ରରେ ତୁମେ କେଉଁ ବିପରୀତ ମନୋଭାବ ଲକ୍ଷ୍ୟ କରିଛ? ଏକ କାର୍ଯ୍ୟାଳୟର ମୁଖ୍ୟ ହିସାବରେ ନିଜ କର୍ମସ୍ଥଳୀରେ ଲିଙ୍ଗଗତ ଭେଦଭାବକୁ ରୋକିବାପାଇଁ କ'ଣ ପଦକ୍ଷେପ ନେବ?

Candidate must not write on this margin.

2. *"You serve as the Municipal Commissioner of a large city, known for your integrity and honesty. A vast multipurpose mall is being built in your city, employing numerous daily wage workers. One night, during the monsoon season, a substantial section of the roof caved in, resulting in the immediate deaths of four laborers, including two minors. Many others sustained serious injuries and required urgent medical care. The incident led to significant public outcry, prompting the Government to launch an investigation. Your initial assessment has uncovered multiple irregularities.*

*The materials utilized for construction were of substandard quality. Despite the building plans, only allowing for one basement, an additional basement has been constructed. This was ignored during routine inspections by the municipal corporation's building inspector. In your investigation, you discovered that the mall's construction was approved even though it encroached on designated green belt areas and a slip road outlined in the city's Zonal Master Plan.*

*The previous Municipal Commissioner, who is both your senior and a close friend, granted permission for the mall's construction. It strongly appears that there is a widespread collusion between municipal officials and the builders. Your colleagues are urging you to slow down the investigation. The builder, who is wealthy and influential, happens to be a close relative of a powerful State Cabinet Minister. He is attempting to convince you to bury the issue, offering you a considerable amount of money in return. He also hinted that if this matter is not settled quickly in his favor, someone in his office is ready to file complaints against you for sexual assault."*

**Discuss the ethical issues involved in the case. What are the options and alternatives available to you in this situation?**

**Explain your selected course of necessary action.**

"ଆପଣ ଏକ ବଡ଼ ସହରର ପୌରପାଳିକାର କମିଶନର ଭାବେ କାର୍ଯ୍ୟ କରନ୍ତି। ଆପଣ ନୈତିକତା ଓ ସଚ୍ଚୋଟତା ପାଇଁ ଜଣାଶୁଣା। ଆପଣଙ୍କ ସହରରେ ଏକ ବିଶାଳ ବହୁମୁଖୀ ମଲ୍ ନିର୍ମାଣ କରାଯାଇଛି ଏବଂ ଏଥିରେ ଅନେକ ଦିନ-ମଜୁରିଆ ଶ୍ରମିକ ନିଯୁକ୍ତି ପାଇଛନ୍ତି। ବର୍ଷାଋତୁର ଗୋଟିଏ ରାତିରେ ଛାତର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିବାରୁ ଦୁଇଜଣ ନାବାଳକଙ୍କ ସମେତ ଚାରିଜଣଙ୍କ ମୃତ୍ୟୁ ଘଟିଲା। ଆହୁରି ଅନେକ ଗୁରୁତର ଆହତ ହୋଇଥିଲେ ଏବଂ ସେମାନଙ୍କର ଜରୁରୀ ଚିକିତ୍ସା ଦରକାର ହେଉଥିଲା। ଏହି ଘଟଣା ଜନ ଅସନ୍ତୋଷର କାରଣ ହୋଇଥିଲା ଏବଂ ସରକାର ଏଥିପାଇଁ ତଦନ୍ତ କରିବାକୁ ବାଧ ହୋଇଥିଲେ। ଆପଣଙ୍କ ପ୍ରାରମ୍ଭିକ ଆକଳନ/ତଦନ୍ତ ଅନେକ ଅନିୟମିତତାକୁ ଉନ୍ମୋଚନ କରିଛି। ନିର୍ମାଣ ପାଇଁ ବ୍ୟବହୃତ ସାମଗ୍ରୀ ନିମ୍ନମାନର ଥିଲା। ନିର୍ମାଣରେ ଗୋଟିଏ ବେସ୍‌ମେଣ୍ଟ ପାଇଁ ଅନୁମତି ସତ୍ତ୍ୱେ ଅନ୍ୟ ଏକ ଅତିରିକ୍ତ ବେସ୍‌ମେଣ୍ଟ ନିର୍ମାଣ କରାଯାଇଛି। ପୌରପାଳିକା ନିର୍ମାଣ ପରିଦର୍ଶକଙ୍କ

ନିୟମିତ ଯାଞ୍ଚ ସମୟରେ ଏହାକୁ ଅଣଦେଖା କରାଯାଇଥିଲା। ଆପଣ ତଦନ୍ତରୁ ଜାଣିଲେ ଯେ ମଲ୍‌ର ନିର୍ମାଣକୁ ଯେଉଁ ଅନୁମତି ଦିଆଯାଇଥିଲା, ସେଥିରେ ସହରର ଜୋନାଲ ମାଷ୍ଟର ପ୍ଲାନରେ ଦର୍ଶାଯାଇଥିବା ଗ୍ରୀନ ବେଲ୍‌ଟ ଅଞ୍ଚଳ ଓ ଏକ ସ୍ଲିପ୍‌ରୋଡ ଉପରେ ଜବରଦଖଲ କରିଥିଲା।

ପୂର୍ବ କମିଶନର ଯିଏ ଆପଣଙ୍କର ବରିଷ୍ଠ ଓ ଜଣେ ଘନିଷ୍ଠ ବନ୍ଧୁ, ସେ ମଲ୍ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହା ଦୃଢ଼ ଭାବରେ ଜଣାପଡୁଛି ଯେ ପୌର ଅଧିକାରୀ ଓ ବିଲ୍‌ଡର ମାନଙ୍କ ମଧ୍ୟରେ ଏକ ବ୍ୟାପକ ବନ୍ଧୁତା ରହିଛି। ଆପଣ ତଦନ୍ତ ଶିଥିଳ କରିବା ପାଇଁ ଆପଣଙ୍କ ସହକର୍ମୀ ମାନେ ଅନୁରୋଧ କରୁଛନ୍ତି। ବିଲ୍‌ଡର ଯିଏ ଧନୀ ଓ ପ୍ରଭାବଶାଳୀ, ସେ ଜଣେ ଶକ୍ତିଶାଳୀ ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀଙ୍କ ନିକଟ ସମ୍ପର୍କୀୟ। ଆପଣ ଏହି ମାମଲା ଚାପି ଦେବାକୁ ସେ ଆପଣଙ୍କୁ ପ୍ରବର୍ତ୍ତାଉଛନ୍ତି ଓ ଏହା ବଦଳରେ ଯଥେଷ୍ଟ ପରିମାଣରେ ଅର୍ଥ ଯାଚୁଛନ୍ତି।

ସେ ସୂଚନା ଦେଇଥିଲେ ଯେ ଏହି ମାମଲା ଯଦି ଶୀଘ୍ର ତାଙ୍କ ସପକ୍ଷରେ ସମାଧାନ ନହୁଏ, ତେବେ ଅଫିସ୍‌ରେ କେହି ଜଣେ ଆପଣଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ ଦାଖଲ କରିବା ପାଇଁ ପ୍ରସ୍ତୁତ ଅଛନ୍ତି।"

**ମାମଲାରେ ଜଡ଼ିତ ନୈତିକ ଦିଗଗୁଡ଼ିକ ଆଲୋଚନା କରନ୍ତୁ। ଏହି ପରିସ୍ଥିତିରେ ଆପଣଙ୍କ ପାଇଁ ବିକଳ୍ପ ରାସ୍ତା କ'ଣ?**

**ଆବଶ୍ୟକୀୟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରନ୍ତୁ।**

**3.** Public servants have a moral responsibility because they occupy positions of integrity and power and deal with many public funds. Their decisions have a wide-ranging impact on society and the environment. What steps will you initiate to improve your duty and moral responsibility to handle such empowerment?

ସରକାରୀ କର୍ମଚାରୀମାନଙ୍କର ନୈତିକ ଦାୟିତ୍ୱ ରହିଛି; କାରଣ ସେମାନେ ଅଖଣ୍ଡତା ଓ କ୍ଷମତାର ପଦବୀ ଧାରଣ କରିଥାନ୍ତି ଏବଂ ପ୍ରଚୁର ସାର୍ବଜନୀନ ପାଣ୍ଠି ପରିଚାଳନା କରିଥାନ୍ତି। ସେମାନଙ୍କର ନିଷ୍ପତ୍ତି ସମାଜ ଓ ପରିବେଶରେ ଏକ ବିସ୍ତାରିତ ପ୍ରଭାବ ପକାଇଥାଏ। ଏଥିରେ ସଶକ୍ତୀକରଣ କରିବା ପାଇଁ ନିଜର କର୍ତ୍ତବ୍ୟ ଓ ନୈତିକଦାୟିତ୍ୱ ବୃଦ୍ଧି ଦିଗରେ ତୁମେ କି କି ପଦକ୍ଷେପ ଗ୍ରହଣ କରିବ।

**4.** "Education is not an injunction, it is an effective and pervasive tool for moral development of an individual and social transformation".

Examine the New Education Policy, 2020 (NEP, 2020) in light of the above statement.

"ଶିକ୍ଷା ଏକ ନିର୍ଦ୍ଦେଶ ନୁହେଁ, ଏହା ଜଣେ ବ୍ୟକ୍ତି ଓ ସାମାଜିକ ପରିବର୍ତ୍ତନର ନୈତିକ ବିକାଶ ପାଇଁ ଏକ ପ୍ରଭାବଶାଳୀ ଓ ବ୍ୟାପକ ଉପକରଣ।" ଉପରୋକ୍ତ ମନ୍ତବ୍ୟକୁ ଦୃଷ୍ଟିରେ ରଖି ଜାତୀୟ ଶିକ୍ଷାନୀତି - 2020 ସମ୍ପର୍କରେ ଆଲୋଚନା କର।

Candidate must not write on this margin.

**Candidate must not write on this margin.**

**5.** Some recent developments such as introduction of RTI Act, media and judicial activism etc., are proving helpful in bringing about greater transparency and accountability in the functioning of the Government. However, it is also being observed that at times the mechanisms are misused. Another negative effect is that the officers are now afraid to take prompt decisions. Analyze this situation in detail and suggest how this dichotomy can be resolved. Suggest how these negative impacts can be minimized.

କେତେକ ସାମ୍ପ୍ରତିକ ଘଟଣା ଯେପରି କି RTI ଆଇନ ପ୍ରଚଳନ, ଗଣମାଧ୍ୟମ ଓ ନ୍ୟାୟିକ ସକ୍ରିୟତା ଇତ୍ୟାଦି ସରକାରଙ୍କ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଓ ଦାୟିତ୍ୱ ଆଣିବାରେ ସହାୟକ ପ୍ରମାଣିତ ହେଉଛି। ଏହା ସତ୍ତ୍ୱେ ଦେଖାଯାଇଛି ଯେ ବେଳେବେଳେ ଶାସନକଳ ଅପବ୍ୟବହୃତ ହେଉଛି। ଆଉ ଏକ ନକାରାତ୍ମକ ପ୍ରଭାବ ହେଉଛି ଯେ ଅଧିକାରୀମାନେ ତ୍ୱରିତ ନିଷ୍ପତ୍ତି ନେବାକୁ ଭୟ କରୁଛନ୍ତି। ଏହି ପରିସ୍ଥିତିକୁ ବିସ୍ତୃତ ଭାବରେ ଅନୁଧ୍ୟାନ କର ଏବଂ ଏହି ବିରୋଧାଭାସକୁ କିପରି ସମାଧାନ କରାଯାଇ ପାରିବ, ସେ ସମ୍ପର୍କରେ ପରାମର୍ଶ ଦିଅ। ଏହି ନକାରାତ୍ମକ ପ୍ରଭାବଗୁଡ଼ିକ କିପରି କମାଯାଇପାରିବ, ତାହା ପରାମର୍ଶ ଦିଅ।

**6.** What do you mean by the term 'constitutional morality'? How does one uphold constitutional morality?

'ସାମ୍ବିଧାନିକ ନୈତିକତା' କହିଲେ କ'ଣ ବୁଝ? ଜଣେ ସାମ୍ବିଧାନିକ ନୈତିକତାକୁ କିପରି ବଜାଇ ରଖିବେ?

**7.** Corporate Social Responsibility makes companies more profitable and sustainable. Analyze.

କର୍ପୋରେଟ୍ ସାମାଜିକ ଦାୟିତ୍ୱ (CSR) କମ୍ପାନୀଗୁଡ଼ିକୁ ଅଧିକ ଲାଭଦାୟକ ଓ ସ୍ଥାୟୀ କରିଥାଏ। ଏହା ବିଶ୍ଳେଷଣ କର।

**8.** What do you understand by 'cultural competence'? Why is it important for civil servants to provide effective governance? Discuss.

ସାଂସ୍କୃତିକ ଦକ୍ଷତା (cultural competence) କହିଲେ କ'ଣ ବୁଝ? ଏକ ଫଳପ୍ରଦ ପ୍ରଶାସନ ଦେବା ପାଇଁ ଜଣେ ପ୍ରଶାସକମାନଙ୍କ ପାଇଁ ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ? ଆଲୋଚନା କର।

**9.** How do codes of conduct, codes of ethics and citizen's charters interrelate and contribute to promote accountability and ethical behavior in public administration?

ଆଚରଣ ବିଧି, ନୈତିକତାର ବିଧି ଓ ନାଗରିକ ଚାର୍ଟର କିପରି ପାରସ୍ପରିକ ଭାବେ ସମ୍ବନ୍ଧିତ ହୋଇଥାନ୍ତି ଏବଂ ଲୋକସେବା କ୍ଷେତ୍ରରେ ଉତ୍ତରଦାୟିତ୍ୱ ଓ ନୈତିକ ବ୍ୟବହାରକୁ ବିକଶିତ କରିଥାନ୍ତି?

**10.** Which eminent personality has influenced your moral view the most? List his/her moral values and discuss how you will apply them as a public servant.

କେଉଁ ପ୍ରସିଦ୍ଧ ବ୍ୟକ୍ତିତ୍ୱ ତୁମର ନୈତିକ ଦୃଷ୍ଟିକୋଣକୁ ଅଧିକମାତ୍ରାରେ ପ୍ରଭାବିତ କରିଛନ୍ତି? ତାଙ୍କ ନୈତିକ ମୂଲ୍ୟବୋଧଗୁଡ଼ିକର ତାଲିକା ପ୍ରସ୍ତୁତ କର ଏବଂ ସେଗୁଡ଼ିକୁ ତମେ ଜନସେବକ ଭାବରେ କିପରି ପାଳନ କରିବ ଉଲ୍ଲେଖ କର।

11. What are the key differences between aptitude and attitude in the context of administration and governance? Discuss with examples.

ପ୍ରଶାସନରେ ଦକ୍ଷତା (aptitude) ଓ ଦୃଷ୍ଟିଭଙ୍ଗୀ (attitude) ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟଗୁଡ଼ିକ କ'ଣ? ସଦୃଷ୍ଟାନ୍ତ ଆଲୋଚନା କର।

12. "Conflict of interest affects ethical decision-making". What is your view? Illustrate with examples. What are the different kinds of conflict of interest? Discuss.

"ସ୍ୱାର୍ଥର ଦ୍ୱନ୍ଦ (Conflict of interest) ନୈତିକ ନିଷ୍ପତ୍ତି ଗ୍ରହଣ (ethical decision-making)କୁ ପ୍ରଭାବିତ କରେ।" ତୁମର ମତାମତ କ'ଣ? ଉଦାହରଣ ସହିତ ବ୍ୟାଖ୍ୟା କର। ସ୍ୱାର୍ଥର ଦ୍ୱନ୍ଦ ବିଭିନ୍ନ ପ୍ରକାର ଭେଦ କ'ଣ? ଆଲୋଚନା କର।

Candidate must not write on this margin.

## Group—B

## ଗ୍ରୁପ୍—B

*Candidates to attempt* **all** *questions within word limit of* **300.**

*Each question carries* **20** *marks.*

ପରୀକ୍ଷାର୍ଥୀମାନେ ସମସ୍ତ ପ୍ରଶ୍ନ **300** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **20** ମାର୍କ।

13. *"Santosh Panigrahi, a computer specialist and former CIA official, disclosed classified Government documents to the media regarding the existence of Government surveillance programs. Many legal experts and the Government contend that his actions breached the Intelligence Act, which considers the revelation of State secrets as an act of disloyalty. Despite breaking the law, Santosh claimed he had a moral obligation to take action. He justified his 'whistle blowing' by asserting that he had a responsibility "to inform the public about what is done in their name and against them." He maintained that the Government's infringement on privacy needed to be revealed, irrespective of legality, because more significant matters of social action and public ethics were at stake. While many supported Santosh Panigrahi some argued that he violated the law and jeopardized national security."*

**Based on the story, what is your opinion on Santosh Panigrahi's action in terms of ethicality despite legal prohibition? Give your argument by weighing the competing values in this case.**

*"କମ୍ପୁଟର ବିଶେଷଜ୍ଞ ଓ ପୂର୍ବତନ CIA ଅଧିକାରୀ ସନ୍ତୋଷ ପାଣିଗ୍ରାହୀ ସରକାରୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମର ଅସ୍ତିତ୍ୱ ସମ୍ପର୍କରେ ଗଣମାଧ୍ୟମକୁ ବର୍ଗୀକୃତ ସରକାରୀ ଦଲିଲ ପ୍ରକାଶ କରିଥିଲେ। ଅନେକ ଆଇନ ବିଶେଷଜ୍ଞ ଓ ସରକାର ଯୁକ୍ତି କରନ୍ତି ଯେ ତାଙ୍କର କାର୍ଯ୍ୟ ବୌଦ୍ଧିକ ଆଇନକୁ (Intelligence Act) ଉଲଘଂନ କରିଛି ଏବଂ ତାହା ରାଜ୍ୟ ଗୁପ୍ତ ତଥ୍ୟ ପ୍ରକାଶକୁ ଅବିଶ୍ୱାସର କାର୍ଯ୍ୟ ଭାବରେ ବିବେଚନା କରାଯାଏ। ଆଇନ ଭଙ୍ଗ କରିବା ସତ୍ତ୍ୱେ ସନ୍ତୋଷ ଦାବି କରିଥିଲେ ଯେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତାଙ୍କର ଏକ ନୈତିକ ଦାୟିତ୍ୱ ଥିଲା। 'ସେମାନଙ୍କ ନାମରେ ଓ ସେମାନଙ୍କ ବିରୁଦ୍ଧରେ କ'ଣ କରାଯାଇଛି ଜନସାଧାରଙ୍କୁ ସେ ବିଷୟରେ ଜଣାଇବା' ତାଙ୍କର ଦାୟିତ୍ୱ ବୋଲି କହି ସୂଚନାଦେବା (ହୁଇସିଲ୍‌ବ୍ଲୋଇଂ) କୁ ସେ ଯଥାର୍ଥ ବୋଲି କହିଥିଲେ। ସେ କହିଥିଲେ ଯେ ଆଇନଗତତା ନିର୍ବିଶେଷରେ ସରକାରଙ୍କ ଗୋପନୀୟତା ଉଲ୍ଲଘଂନ ପ୍ରକାଶ କରାଯିବା ଆବଶ୍ୟକ। କାରଣ ସାମାଜିକ କାର୍ଯ୍ୟ ଓ ସାର୍ବଜନୀନ ନୈତିକତା ବିପଦପୂର୍ଣ୍ଣ ସ୍ଥିତିରେ ପହଞ୍ଚିଥିଲା। ସେତେବେଳେ ଅନେକ ସନ୍ତୋଷ ପାଣିଗ୍ରାହୀଙ୍କୁ ସମର୍ଥନ କରିଥିଲେ। କେତେକ ଯୁକ୍ତି ଦର୍ଶାଇଥିଲେ ଯେ ସେ (ସନ୍ତୋଷ) ଆଇନ ଉଲ୍ଲଘଂନ କରିଥିଲେ ଏବଂ ଜାତୀୟ ସୁରକ୍ଷାକୁ ବିପଦରେ ପକାଇଥିଲେ। ଏଥିପାଇଁ ସେ ପରିଣତି ଭୋଗିବା ଉଚିତ୍।"*

**ଏହି ଘଟଣା ଆଧାରରେ, ଆଇନ ନିଷିଦ୍ଧ ସତ୍ତ୍ୱେ ନୈତିକତା ଭିତ୍ତିରେ ସନ୍ତୋଷ ପାଣିଗ୍ରାହୀଙ୍କ କାର୍ଯ୍ୟ ଉପରେ ତୁମର ମତାମତ ଦିଅ। ଏହି କେଶ(case)ରେ ପ୍ରତିଯୋଗୀତା ମୂଳକ ମୂଲ୍ୟବୋଧ (competing values) ଆଧାରରେ ତୁମର ଯୁକ୍ତି ଉପସ୍ଥାପନା କର।**

14. *"You are a newly recruited administrator working in a Government agency responsible for overseeing elections. You have been assigned to a district where there are two major political parties contesting for a seat. As the election approaches, you receive information that one of the parties has been involved in fraudulent activities, including voter intimidation and illegal campaign financing. Your role is to ensure a fair and transparent election process."*

**In this context, answer the following dilemmatic questions :**

***(i)* How can you maintain your integrity and commitment to non-partisanship while addressing the information about fraudulent activities? *(ii)* What steps can you take to investigate the allegations of voter intimidation and illegal campaign financing without showing favoritism towards either political party? *(iii)* How can you balance your empathy and compassion for the affected voters who may be intimidated or disenfranchised while maintaining a neutral stance as an administrator?**

Candidate must not write on this margin.

*"ସରକାରୀ ସଂସ୍ଥାରେ ନିର୍ବାଚନ ଦେଖାଶୁଣା କରୁଥିବା ତୁମେ ଜଣେ ଯୋଗ ହୋଇଥିବା ନୂତନ ପ୍ରଶାସକ। ଗୋଟିଏ ସ୍ଥାନ ପାଇଁ ଦୁଇଟି ପ୍ରମୁଖ ରାଜନୈତିକ ଦଳ ପ୍ରତିଦ୍ୱନ୍ଦିତା କରୁଥିବା ଜିଲାରେ ତୁମକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନିର୍ବାଚନ ପାଖେଇ ଆସିବା ବେଳକୁ ତୁମେ ସୂଚନା ପାଇଲ ଯେ ଭୋଟରଙ୍କୁ ଭୟଭୀତ କରେଇବା ଓ ଟଙ୍କା ବାଣ୍ଟିବା ଭଳି ଅସାଧୁ କାର୍ଯ୍ୟରେ ଗୋଟିଏ ଦଳ ସମ୍ପୃକ୍ତ ଅଛି। ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ ସୁନିଶ୍ଚିତ କରେଇବା ତୁମର ଦାୟିତ୍ୱ।"*

**ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

**(*i*) ଅସାଧୁ କାର୍ଯ୍ୟାବଳୀର ସୂଚନା ସମ୍ପର୍କରେ ପଦକ୍ଷେପ ଗ୍ରହଣ କଲାବେଳେ ତୁମେ କିପରି ନିରକ୍ଷେପ ରହିବା ପାଇଁ ଅଖଣ୍ଡତା ଓ ପ୍ରତିବଦ୍ଧତା ବଜାୟ ରଖିବ? (*ii*) ଉଭୟଙ୍କ ମଧ୍ୟରୁ କୌଣସି ରାଜନୈତିକ ଦଳକୁ ଅନୁଗ୍ରହ ନ ଦେଖାଇ ତୁମେ ଭୋଟରଙ୍କୁ ଭୟଭୀତ କରାଇବା ଓ ଟଙ୍କା ବାଣ୍ଟିବା ଅଭିଯୋଗର ତଦନ୍ତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିପାରିବ? (*iii*) ଜଣେ ପ୍ରଶାସକ ଭାବରେ ନିରପେକ୍ଷ ଆଭିମୁଖ୍ୟ ଗ୍ରହଣ କଲାବେଳେ ତୁମେ କିପରି ସହାନୁଭୂତି ଓ କରୁଣା ତଥା ଭୟର ଶିକାର ହୋଇଥିବା ବା ଭୋଟ ଅଧିକାରରୁ ବଞ୍ଚିତ ଭୋଟରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ?**

**15.** Differentiate between legality and morality; ethical management and management of ethics; reverse discrimination and preferential treatment; Artificial Intelligence and professional ethics.

ପାର୍ଥକ୍ୟ ନିର୍ଣ୍ଣୟ କରନ୍ତୁ - ବୈଧାନିକତା ଓ ନୈତିକତା; ନୈତିକ ପରିଚାଳନା ଓ ନୀତିର ପରିଚାଳନା; ବିପରୀତ ଭେଦଭାବ ଓ ଅଗ୍ରାଧିକାର ଢଙ୍ଗ; କୃତ୍ରିମ ବୁଦ୍ଧିମତ୍ତା ଓ ବୃତ୍ତିଗତ ନୈତିକତା।

**16.** Max Weber said "It is not wise to apply to public administration the sort of moral and ethical norms we apply to matters of personal conscience. It is important to realize that the State bureaucracy might possess its own independent bureaucratic morality." Critically analyze this statement.

ମାକ୍ସ ୱେବର କହିଛନ୍ତି - "ବ୍ୟକ୍ତିଗତ ବିବେକ ପାଇଁ ଆମେ ପ୍ରୟୋଗ କରୁଥିବା ନୀତି ଓ ନୈତିକ ପ୍ରସଙ୍ଗକୁ ସାଧାରଣ ପ୍ରଶାସନରେ ପ୍ରୟୋଗ କରିବା ଅନୁଚିତ୍। ଏହା ମହତ୍ତ୍ୱପୂର୍ଣ୍ଣ ଯେ ଦେଶର ଅମଲାତନ୍ତ୍ର ନିଜର ସ୍ୱତନ୍ତ୍ର ଅମଲାତାନ୍ତ୍ରିକ ନୈତିକତା ଗ୍ରହଣ କରିପାରେ।" — ଏ ମନ୍ତବ୍ୟର ସମୀକ୍ଷା କର।

**Candidate must not write on this margin.**

**17.** "Rational and autonomous human beings are always treated as 'ends' in themselves but not as 'means'." Explain this statement, giving its implications for modern technocratic society.

"ବିଚାରଶୀଳ ଓ ସ୍ୱୟଂକ୍ରିୟ ମଣିଷମାନେ ନିଜକୁ ନିଜେ ସାଧ୍ୟ ଭାବରେ ବିବେଚିତ ହୋଇଥାନ୍ତି; ମାତ୍ର ସାଧନ ହୋଇନଥାନ୍ତି।" ଆଧୁନିକ କୌଶଳବାଦୀ (ଟେକ୍ନୋକ୍ରାଟିକ୍) ସମାଜରେ ଏହାର ପ୍ରୟୋଗକୁ ନେଇ ଏହି ମନ୍ତବ୍ୟର ବିଶ୍ଳେଷଣ କର।

**Candidate must not write on this margin.**

★★★